# -: ଗିତୀନାଟ୍ୟ ସାବିତ୍ରୀ :-

ଶ୍ରୀଅରବିନ୍ଦ ତାଙ୍କର ସୃଷ୍ଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ  ପରିବ୍ୟାପ୍ତ  ସମଗ୍ର ଅନନ୍ତ ଜୀବନର ଆଧ୍ୟାତ୍ମିକ ଦିବ୍ୟ ଦୃଷ୍ଟିକୁ ପ୍ରତୀକାତ୍ମକ ଚରିତ୍ରମାନଙ୍କ ମଧ୍ୟରେ ଯଥା :- ଅବତାର ,ବିଭୂତି ଏବଂ ଯନ୍ତ୍ର ଯାହାକି ମହାଭାରତର ସତ୍ୟବାନ ସାବିତ୍ରୀ କିମ୍ବଦନ୍ତୀରେ ପ୍ରକାଶିତ ହୋଇଥିବା ଚରିତ୍ରମାନଙ୍କୁ ନେଇ ଗଢା ହୋଇଛି । ଏହି ଚରିତ୍ରମାନଙ୍କ ମଧ୍ୟରେ ସାବିତ୍ରୀ ହେଉଛନ୍ତି ଉର୍ଦ୍ଧ୍ୱରୁ ଅବତରି ଆସିଥିବା ଅବତାର , ଆଦିମାତା , ସର୍ବକାଳୀନ ମାତା ଯିଏକି ଅଗ୍ନି ସମ ଆତ୍ମାକୁ ଜାଣିଥିଲେ ଏବଂ ତାଙ୍କର ଆତ୍ମାର ଲକ୍ଷ୍ୟ ହେଲା ପୃଥିବୀର ଆତ୍ମାମାନଙ୍କ ପଛରେ ଧାବମାନ ହେବା  ଯିଏକି ପ୍ରତୀକ ଭାବରେ ସତ୍ୟବାନ ଏବଂ ତାଙ୍କର ପାର୍ଥିବ ରୂପ ଧାରଣ କରି ପ୍ରତ୍ୟେକ ଜନ୍ମରେ ସାବିତ୍ରୀଙ୍କ ସାଥି ଦେଇଛନ୍ତି , ତେଣୁ ସାବିତ୍ରୀ ପୃଥିବୀକୁ ବରଣ କରିବା ସହିତ ପୃଥିବୀର ଧିର ବିବର୍ତ୍ତନକୁ ପରବର୍ତ୍ତୀ ସମୟରେ ନିରନ୍ତର , ତୀବ୍ର , ସାମଗ୍ରିକ ଏବଂ ତତକ୍ଷଣାତ୍ ପୂର୍ଣ୍ଣାଙ୍ଗ ଦିବ୍ୟ ଶକ୍ତିର ଅବତରଣ କରାଇଛନ୍ତି ଯାହାକି ସତ୍ୟ ,ଆଲୋକ , ଶକ୍ତି , ଜ୍ଞାନ ଓ ଆନନ୍ଦ ଭାବରେ ପରିଚିତ । ସେ ନିଜର ଇଚ୍ଛାକୁ ଜୀବନ୍ତ ରଖନ୍ତି  ମାନୁଷୀ ଆତ୍ମାମାନଙ୍କ ପଶୁବତ୍ ଆଧାର ମଧ୍ୟରେ ସୀମାହୀନ ଆଶା ଭରିଦିଅନ୍ତି ଏବଂ ଜଡକୁ ଦିବ୍ୟତାରେ ରୂପାନ୍ତର କରିବାର ଚେଷ୍ଟାରେ ଲାଗି ରହନ୍ତି ଏବଂ ଜନ୍ମର ପ୍ରହେଳିକା , ଅପରିହାର୍ଯ୍ୟ ମୃତ୍ୟୁ , ଲୌହ ନିୟମର ଗର୍ତ୍ତ ଏବଂ ସ୍ଥିରୀକୃତ ଭାଗ୍ୟ ବିରୁଦ୍ଧରେ ଲଢେଇକରନ୍ତି , ଆତ୍ମାରେ ପ୍ରତିଷ୍ଠିତ ଦିବ୍ୟ ପ୍ରେମ ସାହାଯ୍ୟରେ । ସାବିତ୍ରୀ ସେହି ଆତ୍ମାମାନଙ୍କୁ ନିର୍ବାଚନ କରିଛନ୍ତି ଏହି କଠୋର ପୃଥିବୀରେ ଯେଉଁମାନେ ଏକ ଲମ୍ବା ପରିସର ଭିତରେ ମରଣ ଯନ୍ତ୍ରଣା ଦେଇ ଗତି କରିଛନ୍ତି । ସେମାନଙ୍କୁ ତାଙ୍କ ଯଜ୍ଞ ଓ କର୍ମକ୍ଷେତ୍ର ଭାବରେ ବରଣ କରିଛନ୍ତି ଏବଂ ଏପରିକି ସାବିତ୍ରୀ ପ୍ରସ୍ତୁତ ଅଛନ୍ତି ଅସୀମ କାଳ ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ଏବଂ ସମୟ ରୂପକ ବୈଭବକୁ ନଷ୍ଟ କରିବା ପାଇଁ ନିଜର କ୍ଷତାକ୍ତ ପାଦକୁ ବହନ କରି ସେ ପ୍ରାପ୍ତ ହେବାକୁ ଚାହାଁନ୍ତି ଏକ ଅସମ୍ଭବ ବୋଧ ହେଉଥିବା ଦାୟିତ୍ୱ , ଯାହାକି ପୃଥିବୀର ଧୂସର ବିଦ୍ରୋହ ଓ ଅନ୍ଧକାର ଭରା ଅଜ୍ଞାନତାକୁ ରୂପାନ୍ତର କରିବା ପାଇଁ ସମର୍ଥ ।

## ସତ୍ୟବାନ :-

ସତ୍ୟବାନ ହେଉଛନ୍ତି ଜଣେ ସାଧାରଣ କାଠୁରିଆ ଯିଏକି ନିଜର ଚେତନାକୁ ଉତ୍ତରଣ କରି ନିଜକୁ ଉର୍ଦ୍ଧାୟିତ ଅବତାର ଭାବରେ ପ୍ରତିଷ୍ଠିତ କରି ପାରିଥିଲେ , ଅହଂକାରର ବୀଲିନ ଏବଂ ସମର୍ପଣ ଦ୍ୱାରା ଏହା ସମ୍ଭବ ହୋଇପାରିଥିଲା । ସାବିତ୍ରୀଙ୍କର ଶକ୍ତିଶାଳୀ ଆଭିମୁଖ୍ୟ ଯାହାକି ସ୍ୱର୍ଗ ,ପୃଥିବୀ ଓ ନର୍କ ମଧ୍ୟରେ ଚେତନାର ଏକ ଅଦୃଶ୍ୟ ସେତୁ ନିର୍ମାଣ କରିବା; ଏହି କର୍ମରେ ସହଯୋଗ କରିବା ପାଇଁ ସତ୍ୟବାନଙ୍କୁ ବିଧାତାଙ୍କର ବିଧିନିର୍ଦ୍ଦିଷ୍ଟ ଥିଲା । ସତ୍ୟବାନ ହେଉଛନ୍ତି ଏକ ଶାଶ୍ୱତ ଚେତନା ପୃଥିବୀକୁ ଧାର ସୂତ୍ରରେ ମିଳିଥିବା ସ୍ୱର୍ଗର ବିରଳ ସମ୍ପଦ , ଯିଏକି ସୃଷ୍ଟିର ଆରମ୍ଭରୁ ପ୍ରଥମ ମଣିଷ ବା ଦୈତ୍ୟ ଅବତାର ଭାବରେ ସାବିତ୍ରୀଙ୍କୁ ସାଥି ଦେଇଥିଲେ ଏବଂ ଏହି ପ୍ରଥମ ଅବତାର ଧରାଧାମରେ ମୃତ୍ୟୁର ଦ୍ୱାର ଦେଶରେ ଛଟପଟ ହେଉଥିବା

ସମୟରେ ତାଙ୍କୁ ପରମେଶ୍ୱର ଭଗବାନ ଦେଖାଦେଇ ତାଙ୍କୁ ଭବିଷ୍ୟତରେ ଦିନେ ଦେହଗତ ଅମରତ୍ୱ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସତ୍ୟବାନ ଯେତେବେଳେ ଶେଷ ଅବତାର ଭାବରେ ପୃଥିବୀରେ ସାବିତ୍ରୀଙ୍କ ସହ ଆବିର୍ଭାବ ହେବେ ସେତେବେଳେ ମାନବ ସମାଜ ପୂର୍ଣ୍ଣଯୋଗର ଶେଷ ସିଦ୍ଧି **TRUTH SUPREME** ଙ୍କୁ ପ୍ରାପ୍ତ ହେବେ ଏବଂ ମୃତ୍ୟୁଞ୍ଜୟ ହେବେ । ସେ ପର୍ଯ୍ୟନ୍ତ ପୂର୍ଣ୍ଣଯୋଗର ସାଧକମାନେ ଆତ୍ମାର ଆରୋହଣ ଏବଂ ଧରାଧାମରେ ଶକ୍ତିର ଅବତରଣ କାର୍ଯ୍ୟରେ ନିଜ ଜୀବନର ସମସ୍ତ ଦୁର୍ଲଭ ସମୟକୁ ନିୟୋଜିତ କରିବେ । ସାବିତ୍ରୀ ଓ ସତ୍ୟବାନ ପୃଥିବୀରେ ଅନେକ ଜନ୍ମ ଓ ମୃତ୍ୟୁକୁ ଅତିକ୍ରମ କରିଛନ୍ତି ଅର୍ଥାତ୍ ଗୋଟିଏ ଅମର ଅଗ୍ନି ମଧ୍ୟରୁ ଦୁଇଟି ଆତ୍ମା ଜନ୍ମ ନେଇଛନ୍ତି । ସେମାନେ ଆସିଥିଲେ ମାନୁଷୀ ତନୁ ମଧ୍ୟରେ ନିୟୁତ କ୍ଷତକୁ ସହ୍ୟ କରିବା ପାଇଁ ପୃଥିବୀରେ ମଣିଷର ପ୍ରତିନିଧି ଭାବରେ , ପୃଥିବୀରେ ଲମ୍ବା ଏବଂ ଦୁରୂହ ଯନ୍ତ୍ରଣାକୁ ସହ୍ୟ କରି ପୃଥିବୀ ଓ ମାନବ ସମାଜ ନିକଟରେ ଭଗବାନଙ୍କର ଋଣ ପରିଶୋଧ କରିଥିଲେ । ସତ୍ୟବାନଙ୍କର ଅବତାର ପରିଚୟ ତାଙ୍କୁ ଗୋଟିଏ ଗୃହରେ ପଶୁମାନଙ୍କ ସହିତ ଅବସ୍ଥାନ କରିବାକୁ ଅଟକାଇ ପାରି ନଥିଲେ ଏବଂ ସେ ଅବଚେତନା ରାଜ୍ୟରେ ଅସୁର ଓ ରାକ୍ଷସଙ୍କ ସହିତ କଥୋପକଥନ କରି ପାରୁଥିଲେ । ଏହିପରି ଭାବରେ ଭଗବାନଙ୍କର ଐକାନ୍ତିକ ଯୋଜନାର ପରିସର ଭିତରେ ସେ ନିଜର ଶତ୍ରୁ ଶକ୍ତିମାନଙ୍କ ସହିତ ମିତ୍ରତାରେ ଆବଦ୍ଧ ହୋଇଥିଲେ ଏବଂ ଉଚ୍ଚ ଚେତନା ସହିତ ନିମ୍ନ ଚେତନାର ମିଳନ ହୋଇଥିଲା କିମ୍ବା ଭଗବାନଙ୍କର ପରମ ଚେତନା ମୂକ ରସାତଳ ଉପରେ ଦୃଷ୍ଟି ନିବେଶ କରିଥିଲା । ଆଉ ମଧ୍ୟ ସତ୍ୟବାନ ପୃଥିବୀରେ କ୍ଷୁଦ୍ର ଏବଂ ନଗଣ୍ୟ କାଠୁରିଆ ମଣିଷ ପରିଚୟକୁ ଗ୍ରହଣ କରିଥିଲେ । ଅମରତ୍ୱକୁ ନିଶ୍ଚେତନାର ଗାଢ ଅନ୍ଧକାରରେ ଅନୁସନ୍ଧାନ କରିବା ସମୟରେ ସେ ରକ୍ତ ରଞ୍ଜିତ ହୋଇଥିଲେ ଏବଂ ଯଦି ସେହି ଯାତ୍ରା ସମୟରେ ପୃଥିବୀର ଦୁର୍ଭାଗ୍ୟର ଚକକୁ ଭାଙ୍ଗିବାକୁ ପ୍ରୟାସ କରୁଥିବା ସମୟରେ ଯଦି ତାଙ୍କର ମୃତ୍ୟୁ ରୂପକ ଆଧ୍ୟାତ୍ମିକ ପତନ ହୋଇଯାଏ କିମ୍ବା ସ୍ୱର୍ଗ , ନର୍କ ଏବଂ ପୃଥିବୀ ମଧ୍ୟରେ ଥିବା ଏକ ଚେତନାର ସେତୁକୁ ନିର୍ମାଣ କରିବା ପୂର୍ବରୁ ଯଦି ତାଙ୍କର ମୃତ୍ୟୁ ହୋଇଯାଏ , ତାହେଲେ ଏହା ମାନବ ସମାଜ ନିମନ୍ତେ ଏକ ବିରାଟ କ୍ଷତି ପହଞ୍ଚାଇବ କିମ୍ବା ଅବତାର ହେଉଛନ୍ତି ସ୍ୱର୍ଗରୁ ଧାର ସୂତ୍ରରେ ପ୍ରେରିତ ଏକ ବିଭୂତି ଯିଏକି ପୃଥିବୀରେ ଅଳ୍ପ ସମୟ ଅବସ୍ଥାନ କରି ମଧ୍ୟବର୍ତ୍ତୀ ଜଗତରେ ଚେତନାର ଏଭଳି ଏକ ଅଦୃଶ୍ୟ ସିଢି ନିର୍ମାଣ କରନ୍ତି ଯଦ୍ଦ୍ୱାରା ପୃଥିବୀର ଅଧିକାଂଶ ମଣିଷ ସ୍ୱର୍ଗ ଓ ପୃଥିବୀ , ପରମାତ୍ମା ଏବଂ ଜଡ ମଧ୍ୟରେ ଥିବା ଫାଟକୁ ଅଳ୍ପ ପ୍ରଚେଷ୍ଟାରେ ଯୋଡିବାକୁ ସମର୍ଥ ହୁଅନ୍ତି । ଏହି କର୍ମଟି ଅଧିକ ତ୍ୱରାନ୍ୱିତ ହୁଏ ଯଦି ଦିବ୍ୟପ୍ରେମ ପୃଥିବୀର ପରିସର ମଧ୍ୟରେ ଅବତାରଙ୍କ ଦୈତ୍ୟ ସମ୍ପର୍କ ଦ୍ବାରା କ୍ରିୟାଶୀଳ ହୁଅନ୍ତି । ସତ୍ୟବାନଙ୍କର ଦିବ୍ୟକର୍ମ ଯାହାକି ପୃଥିବୀ ମଧ୍ୟକୁ ଆଲୋକ ଓ ପ୍ରେମର ଏକ ଲମ୍ବା ସ୍ରୋତକୁ ବୋହି ଆଣେ । ଏହି କର୍ମଟି ତାଙ୍କର ଅସମ୍ପୂର୍ଣ୍ଣ ଏବଂ ଅଧା ଗଢା କର୍ମ ଭାବରେ ଗଣାଯାଏ ଯେ ପର୍ଯ୍ୟନ୍ତ ନିଶ୍ଚେତନାରେ ଥିବା ଅନ୍ଧକାର ମନ୍ଦ ଶକ୍ତି ମାନେ ପୂର୍ଣ୍ଣ ନିଶ୍ଚିହ୍ନ କିମ୍ବା ପୂର୍ଣ୍ଣ ରୂପାନ୍ତର ନ ହୋଇଛନ୍ତି ।

## ସାବିତ୍ରୀ ଓ ସତ୍ୟବାନଙ୍କ ସମ୍ପର୍କ :-

ସାବିତ୍ରୀ ଓ ସତ୍ୟବାନଙ୍କର ଆତ୍ମା ଏବଂ ପ୍ରକୃତି ସମାନ ଭାବରେ ଦିବ୍ୟ ଉପସ୍ଥିତିକୁ ଉପଲବ୍ଧି କରିପାରିଥିଲେ ଏବଂ ସେମାନେ ଏକ ବିଶାଳ ସଂଗତି ଓ ସନ୍ତୁଳନ ମଧ୍ୟରେ ଏକ ଏକତ୍ୱ ମଧ୍ୟରେ

ହଜିଯାଇଥିଲେ । ସୀମିତ ମାନୁଷୀ ଜନ୍ମର ପରିସର ମଧ୍ୟରେ ସେମାନେ ତାଙ୍କର ଐଶ୍ୱର୍ଯ୍ୟପୂର୍ଣ୍ଣ ଦିବ୍ୟ ସମ୍ପର୍କକୁ ସାଇତି ରଖିଥିଲେ ଯାହାକି ସୂକ୍ଷ୍ମ ଶରୀରର ମିଳନ କିମ୍ବା ଦୁଇଟି ଶାଶ୍ୱତ ସମୟର ମିଳନ ଯାହାକି ଏକାଧିକ ମାନୁଷୀ ଜନ୍ମ ଏବଂ ମାନୁଷୀ ଶରୀର ମଧ୍ୟରେ ସୃଷ୍ଟିର ଆରମ୍ଭରୁ ପରିବ୍ୟାପ୍ତ ହୋଇଥିଲା  ଆତ୍ମାର ଅସରନ୍ତି ଆନନ୍ଦର ଭବିଷ୍ୟତ ପର୍ଯ୍ୟନ୍ତ ଏପରିକି ସେମାନେ ତାଙ୍କର ଆତ୍ମାକୁ ସମୟ ଠାରୁ ପୁରାତନ ଭାବରେ ଉପଲବ୍ଧି କରିଥିଲେ । ଏହି ଦୈତ୍ୟ ଅବତାରଙ୍କୁ ଶକ୍ତି ଓ ପ୍ରେମର ଏକ ଅଦୃଶ୍ୟ ଦିବ୍ୟ ଉପସ୍ଥିତି ଏ ଜନ୍ମରେ ପରସ୍ପରକୁ ନିକଟବର୍ତ୍ତୀ କରାଇଥିଲେ ଏବଂ ସେମାନଙ୍କର ପ୍ରେମ ଅସୀମ କାଳ ପ୍ରତୀକ୍ଷା କରିବା ପାଇଁ ପ୍ରେରଣା ଦିଏ ସତେ ଯେପରି ପରିପୂର୍ଣ୍ଣତା ନିମନ୍ତେ ସେମାନଙ୍କ ଆଗରେ ଏକ ଶାଶ୍ୱତ ଭବିଷ୍ୟତ ବିଦ୍ୟମାନ । ଉଭୟ ଏକ ସଙ୍ଗରେ ଭଗବାନଙ୍କର ନିଶ୍ଚେତନାର ଅନ୍ଧକାର ରାଜ୍ୟରେ ପ୍ରବେଶ କରି ସେହି ରାଜ୍ୟକୁ ଆଲୋକିତ ଓ ରୂପାନ୍ତର କରାଇଥିଲେ ଏବଂ ସେମାନେ ଭଗବାନଙ୍କର ଶାଶ୍ୱତ ଦିନ ଯେଉଁଠି ସଚ୍ଚିଦାନନ୍ଦ ଚେତନା ପ୍ରତିଷ୍ଠିତ ହୋଇଥାଏ ତାକୁ ମଧ୍ୟ ଅତିକ୍ରମ କରିଥିଲେ ଏବଂ ପୃଥିବୀକୁ ଫେରି ବିଶ୍ୱର ଅନ୍ଧକାର ଶକ୍ତିରାଜି ବିରୁଦ୍ଧରେ ଏକ ନିୟୁତ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । ସେମାନେ ପୃଥିବୀ ମାତାଙ୍କର ପ୍ରାଚୀନ ବିରୋଧ ଭାବକୁ ସହ୍ୟ କରିଥିଲେ ଏବଂ ଦୁଇଟି ଦାୟିତ୍ୱକୁ ସମ୍ପାଦନ କରିଥିଲେ ଗୋଟିଏ ହେଲା ପୃଥିବୀକୁ ଭଗବାନଙ୍କର ଅମର ଆଲୋକ ଦିଗରେ ଉତ୍ଥିତ କରିବା ଯାହାକୁ କି ଚେତନାର ସ୍ଥାୟୀ ଆରୋହଣ ଭାବରେ ଗ୍ରହଣ କରାଯାଏ ଏବଂ ଅନ୍ୟଟି ହେଉଛି ପୃଥିବୀ ମଧ୍ୟକୁ ଦିବ୍ୟଶକ୍ତିକୁ ଜଗତ ଓ ମଣିଷଙ୍କ ପାଇଁ ଅବତରଣ କରାଇ ଆଣିବା କିମ୍ବା ଦିବ୍ୟଚେତନାର ସ୍ଥାୟୀ ଅବତରଣକୁ ଉପଲବ୍ଧି କରିବା ।

## ମୃତ୍ୟୁ ଦେବତା:-

ମୃତ୍ୟୁ ଦେବତା ହେଉଛନ୍ତି ଜଣେ ନୈର୍ବ୍ୟକ୍ତିକ ବିଶ୍ୱଗତ ଅନ୍ଧକାର ଶକ୍ତି । ଏଠାରେ ବ୍ୟକ୍ତ ହୋଇଛନ୍ତି ନିଶ୍ଚେତନାର ଦେବତା ଭାବରେ, ଯମ, ଯିଏକି ଭଗବାନଙ୍କର ଜଣେ ଅସହିଷ୍ଣୁ ଅନ୍ଧକାର ରାଜ୍ୟର ଯନ୍ତ୍ର । ସେ ଭଗବାନଙ୍କର ସ୍ଥିରୀକୃତ ଅପରିବର୍ତ୍ତନୀୟ ନିୟମର ଜଗୁଆଳି ଏବଂ ବିଶ୍ୱସ୍ତ ଦାସ ଯାହାକି ଭଗବାନଙ୍କର ସାମଗ୍ରିକ ପ୍ରକୃତିର ଏକ ଛୋଟିଆ ଅଂଶ । ମୃତ୍ୟୁ ଦେବତାଙ୍କର କ୍ଷୁଧା ସମଗ୍ର ପୃଥିବୀରେ ପରିବ୍ୟାପ୍ତ ହୋଇଥିବା ମୃତ୍ୟୁ-ଯନ୍ତା ରୂପକ ଜାଲ । ସେ ସମସ୍ତଙ୍କୁ ଗିଳି ପକାନ୍ତି, ଯେଉଁମାନେ ଆତ୍ମାର ପରିବର୍ତ୍ତନଶୀଳ ଅଧିଚେତନା , ଅତିଚେତନା ଏବଂ ସୀମାହୀନ ସତ୍ୟ ଆଡକୁ ଖୋଲି ଧରି ପାରନ୍ତି ନାହିଁ । ପୃଥିବୀରେ ତାଙ୍କର ଏହି ଯନ୍ତ୍ରବତ୍ କର୍ମ ଯେ ଏକ ସୀମିତ ସମୟ ପାଇଁ ଉଦ୍ଦିଷ୍ଟ ସେ ବିଷୟରେ ସେ ଅଜ୍ଞ , ସେ ନିଜକୁ ସର୍ବ ଶକ୍ତିମାନ୍ ଭଗବାନ ପରି ନିଜକୁ ବିଚାର କରନ୍ତି ଏବଂ ତାଙ୍କ ପାଖରେ ଭଗବାନଙ୍କ ସହ ଏକାତ୍ମ ହେବାର ଉପଲବ୍ଧି ନ ଥିଲା । ଅବତାର ଏବଂ ସାଧୁମାନଙ୍କର ସ୍ଥିତିଜ ଭଗବାନଙ୍କ ଉପଲବ୍ଧି ବିଷୟରେ ସେ ସଚେତନ ଥିଲେ ଏବଂ ଏହି ମିଳନରୁ ଜାତ ଆନନ୍ଦ ଓ ସ୍ୱାଧୀନତାର ମୃତ୍ୟୁକୁ ହଟାଇବାର ସାମର୍ଥ୍ୟ ନଥିଲା । ମୃତ୍ୟୁ ଦେବତା ମଣିଷମାନଙ୍କୁ ଦୁଇଗୋଡିଆ ଜୋକ ଭାବେ ହେୟ ଜ୍ଞାନ କରୁଥିଲେ ଏବଂ ଭଗବାନଙ୍କର ସାମଗ୍ରିକ ଦିବ୍ୟ ଦୃଷ୍ଟି ଏବଂ ଦ୍ରୁତ ବିବର୍ତ୍ତନର ପରିବର୍ତ୍ତନ ବିଷୟରେ ଅଜ୍ଞ ଥିଲେ , ସେ କେବଳ ଅଜ୍ଞାନତାରେ ମଣିଷର ଧିର ବିବର୍ତ୍ତନ ମଧ୍ୟରେ ନିଜର ଅସ୍ଥାୟୀ ଦାୟିତ୍ୱ ବିଷୟରେ ସଚେତନ ଥିଲେ । ସେ ବିଶ୍ୱ ଦେବତାଙ୍କ ଭଳି ବିଶାଳ ନୀରବ ହୃଦୟ , ତ୍ରିକାଳଦୃଷ୍ଟି ଏବଂ କ୍ଷତାକ୍ତ ମଣିଷମାନଙ୍କୁ କିଛି ବର ଦେବାର ସାମର୍ଥ୍ୟ ତାଙ୍କର

ଥିଲା । ତାପରେ ସେ ବୁଝିପାରୁଥିବା ସୃଷ୍ଟିର ତତ୍ତ୍ୱଜ୍ଞାନ କିମ୍ବା ଆତ୍ମାକୁ ରକ୍ଷାକାରିଣୀ ଶକ୍ତି ତାଙ୍କ ଭିତରେ ବିକୃତ ହୋଇଯାଇଥିଲେ ଏବଂ ତାଙ୍କର ଆତ୍ମାକୁ ହତ୍ୟାକାରୀ ମନ୍ଦ ଦୃଷ୍ଟିଭଙ୍ଗୀ , ଭଗବାନଙ୍କର ଅସ୍ତିତ୍ୱର ସାମଗ୍ରିକତା ଅସ୍ୱୀକାର କରୁଥିଲେ । ସାବିତ୍ରୀଙ୍କର ମନ ଓ ଆତ୍ମାର ସ୍ୱଚ୍ଛତା ମାନୁଷୀ ପ୍ରେମର ସୀମିତତା ଓ ଅସ୍ପଷ୍ଟ ଚିନ୍ତାଧାରା କିଛି ପରିମାଣରେ ରୂପାନ୍ତରିତ ହୋଇଥିଲା ଏବଂ ସାବିତ୍ରୀଙ୍କର ମହାନ୍ ଦିବ୍ୟଜନନୀଙ୍କ ଚେତନା ନିକଟରେ ସେ (ମୃତ୍ୟୁ ଦେବତା ) ମଳିନ ପଡ଼ିଯାଇଥିଲେ । ସାବିତ୍ରୀ ଯେତେବେଳେ ଭବିଷ୍ୟତରେ ଶାଶ୍ୱତ ଦିନର ଆଧ୍ୟାତ୍ମିକ ଉପଲବ୍ଧିରେ ପ୍ରତିଷ୍ଠିତ ହେବେ ସେତେବେଳେ ମୃତ୍ୟୁ ଦେବତାଙ୍କର ନକରାତ୍ମକ ରୂପ ଏବଂ କ୍ରୁର କଠୋର ଦର୍ଶନର ରୂପାନ୍ତର ହେବ ସୋନ୍ଦର୍ଯ୍ୟ ରୂପକ ସୂର୍ଯ୍ୟରେ ଏବଂ ତାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ସବୁ ପ୍ରକାର ମଧୁରତାର ସମାହାର ଘଟିବ । ତାଙ୍କର ବିଶାଳ ଅନ୍ଧକାରର ଦୁର୍ଗ , ବିଶାଳ ନିଶ୍ଚେତନାର ଗହ୍ୱର ଏବଂ ଦୁଃଖଦ ଧ୍ୱଂସକାରୀ ସାମର୍ଥ୍ୟ ଚିରକାଳ ପାଇଁ ବିଲୀନ ହୋଇଯିବ ଏବଂ ତାଙ୍କର ଭୟଙ୍କର ପ୍ରଶ୍ୱାସ ପ୍ରଭାବରୁ ପୃଥିବୀ ମୁକ୍ତ ହେବ ଏବଂ ସେ ଜଣେ ଆଶ୍ଚର୍ଯ୍ୟ ଜନକ ଦେବତା ଭାବେ ଉଭାହେବେ । ବର୍ତ୍ତମାନ ତାଙ୍କର ଆଧ୍ୟାତ୍ମିକ ଆବଶ୍ୟକତା ହେଉଛି ମାନୁଷୀ ଆତ୍ମାକୁ ସମଗ୍ର ଅନନ୍ତ ଜୀବନର ଅସରନ୍ତି ଯାତ୍ରାରେ ମୃତ୍ୟୁ ହେଉଛନ୍ତି ଏକ ମାଇଲି ଖୁଣ୍ଟ, ଯିଏକି ମଣିଷର ଆତ୍ମାକୁ ଆଲୋକ ଦିଗରେ ଯିବା ପାଇଁ ବାଧ୍ୟକରେ । ଭଗବାନଙ୍କର ଯନ୍ତ୍ର ଭାବରେ ଏହି ଅରୂପାନ୍ତରିତ ମୃତ୍ୟୁ ଦେବତାଙ୍କ ଉଦାରତା ତଥାପି ମଣିଷ ପାଖରେ ଲୁକ୍କାୟିତ ହୋଇ ରହିଛି । କାରଣ ମଣିଷ ଜୀବନର ସୁଖଦ କାହାଣୀକୁ ସେ ହଠାତ୍ ପରିସମାପ୍ତି ଘୋଷଣା କରନ୍ତି । ତାଙ୍କର ମହାନତା ଦିନେ ମାନୁଷୀ ସମାଜ ଜାଣିପାରିବ ଯେତେବେଳେ ମଣିଷମାନେ ଭଗବାନଙ୍କର ଅନନ୍ତ ଜୀବନର ସାମଗ୍ରୀକ ଯୋଜନା ବିଷୟରେ ସଚେତନ ହେବେ ଏବଂ ସେମାନେ ଏହି ଉପସଂହାରରେ ଉପନୀତ ହେବେ ଯେ ମୃତ୍ୟୁ ହେଉଛି ଏକ ବୃହତ୍ ଓ ମହାନ ଜୀବନ ବଞ୍ଚିବା ପାଇଁ ଏକ ଦୁର୍ଲଭ ସୁଯୋଗ ।

OM TAT SAT

ସମ୍ପାଦକ: ଏସ. ଏ. ମା କ୍ରୀଷ୍ଣା,

ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com/odia-section

https://www.srimatriniketanashram.com

## ମୃତ୍ୟୁ ଦେବତା:-

"ଅପରିବର୍ତ୍ତିତ ବିଧାନର ତୁମେ ପରିବର୍ତ୍ତନୀୟ କ୍ରୀଡନକ ମାତ୍ର
ମୋର ଯୁଆଳିର ଅଯଥା ବିଦ୍ରୋହୀ ଆସକ୍ତ ସାବିତ୍ରୀ ହେ ପ୍ରକୃତି ଦାସ ।
ତୁମର ମୌଳିକ ଆସକ୍ତି ହେଉଛି ଢ଼ିଘଡ଼ି କାନ୍ଦିବା ସବୁଯିବା ଭୁଲି ।
ତୁମ କାମନାର ପରିଭାଷା ସବୁ ଜୀବନ୍ତ ସମାଧିରେ ଖୋଦିତ କରି ।
ଭଲ ପାଇଥିବା ପରିତ୍ୟକ୍ତ ବସ୍ତୁ ବର୍ତ୍ତମାନ ତୁମେ ପରିତ୍ୟାଗ କରି
ପୃଥିବୀରେ ତୁମେ ବୃଥା ଜୀବନକୁ ଏକା ଏକା ଯାଅ ଫେରି ଗୋ ସାବିତ୍ରୀ ।"

## ସାବିତ୍ରୀ:-

"ମୁଁ ମାଦ୍ର (Madra) ଦେଶର ରାଜକନ୍ୟା ଅଟେ ମୋର ପିତା ଅଶ୍ୱପତି
ପ୍ରଭୁ ସତ୍ୟବାନ ମୋହରି ଜୀବନ କେବଳ ମୋ ଉସ୍ର ପ୍ରଭୁ ସତ୍ୟବାନ
ଫେରାଇ ଦିଅ ମୋ ଏକମାତ୍ର ପ୍ରଭୁ ସତ୍ୟବାନ ମୋର ଜୀବନର ସବୁ
ମୁହିଁ ପତିବ୍ରତା ରମଣୀ ସାବିତ୍ରୀ ଏକା ଏକା ଫେରି ନପାରିବି ମୁହିଁ
ଏକା ଏକା ଫେରି ନପାରିବି ମୁହିଁ ।"

## ମୃତ୍ୟୁ ଦେବତା:-

- କିଏ ସତ୍ୟବାନ ?
- କିଏ ସାବିତ୍ରୀ?
- ଯାଅ , ତୁମର କାମନା ଜର୍ଜରିତ ପ୍ରଭାବରୁ ସତ୍ୟବାନଙ୍କୁ ମୁକ୍ତ କରି ନିଶ୍ଚିନ୍ତ ରୁହ ।
-ଆଉ ଅଗ୍ରସର କରନାହିଁ ଦେବୀ ।

## ସାବିତ୍ରୀ:-

-ତୁମେ ଜାଣନାହିଁ ମୃତ୍ୟୁରାଜ ।
-ସତ୍ୟବାନ କିଏ ? ପୁଣି ମୁଁ କିଏ ?
-ଆଉ ଆମର ସମ୍ପର୍କ କ'ଣ ?

"ସମୟ ମଧ୍ୟରେ ଆମ ଜୀବନକୁ ଆସିଛନ୍ତି ସେ ପ୍ରବେଶି
ନୂତନ ମଧୁର ମୁଖ ମଣ୍ଡଳ ସେ ଯୁଗେ ଯୁଗେଛନ୍ତି ବ୍ୟାପି ।
ଆନନ୍ଦ ହର୍ଷରେ ବଂଶୀର ସ୍ୱନରେ ଅଦୃଶ୍ୟେ ଆସନ୍ତି ପଶି
ଅରଣ୍ୟ ଜ୍ୟୋସ୍ନାରେ ପଲ୍ଲବିତ ଡାଳେ ଆକର୍ଷିତ ସେ କରନ୍ତି ।
ଛଦ୍ମବେଶ ଧରି ପରମ ପ୍ରେମିକ ଆମର ଆତ୍ମାକୁ ଟାଣି

ଘଞ୍ଚ ଅରଣ୍ୟରେ ସେ ମୋତେ ଖୋଜନ୍ତି ରାତ୍ରିର କ୍ଷୁଧାର୍ତ୍ତ ସିଂହ ପରି
ଅସନ୍ତୁଷ୍ଟ ହୋଇ ସମୟ ବକ୍ଷରେ କ୍ରୋଧଭରେ ଖୋଜୁଥାନ୍ତି
ମଧୁର ଶାନ୍ତିରେ ସୃଷ୍ଟି ଆରମ୍ଭରୁ ସେହିଁ ମୋତେ ଚାହିଁଛନ୍ତି ।
ଅତୀତ ପରଦା ଆଢୁଆଳ ମଧ୍ୟୁ ତାଙ୍କ ବାହୁ ଲମ୍ବି ଆସି
ତୋଳି ଧରିଛନ୍ତି ଏ ମୋର ତନୁକୁ କୋମଳତା ସ୍ପର୍ଶ ଦେଇ ।
ସେହି ଦୁଇ ବାହୁ ଆବୋରି ନିଅନ୍ତି ପ୍ରକମ୍ପିତ ଫୁଲ ପରି
ଆଲିଙ୍ଗନ ମୋତେ କରିଛନ୍ତି କେତେ ପ୍ରଜ୍ୱୋଳିତ ଅଗ୍ନି ପରି ।
ମୁଁ ମଧ ସାବିତ୍ରୀ ସନ୍ତୁଷ୍ଟ ହୋଇଛି ରମଣୀୟ ରୂପ ଦେଖି
ଆନନ୍ଦିତ ହୋଇ ତାଙ୍କରି ସ୍ୱରକୁ ଶୁଣି ଶୁଣି ଆସୁଅଛି ।”

## ସାବିତ୍ରୀ:-

-ହେ ମୃତ୍ୟୁରାଜ !

-ଏହାହିଁ ହେଉଛି ପରମ ପୁରୁଷ ସତ୍ୟବାନଙ୍କର ଆଉ ପରମା ପ୍ରକୃତି ମୁଁ ସାବିତ୍ରୀଙ୍କର ଦିବ୍ୟ ପରିଚୟ ।

## ମୃତ୍ୟୁ ଦେବତା:-

-ଆଚ୍ଛା !

## ସାବିତ୍ରୀ:-

-ଆମେ ସୃଷ୍ଟିର ଆରମ୍ଭରୁ ପ୍ରଥମ ପୁରୁଷ ଓ ପ୍ରଥମ ନାରୀ ରୂପେ ଗୋଟିଏ ଅଗ୍ନିରୁ ଦୁଇଟି ଆତ୍ମା ରୂପେ ବିଦ୍ୟମାନ ।

-ଅନେକ ଜନ୍ମ ଧରି ମୁଁ କେବଳ ତାଙ୍କୁହିଁ ଖୋଜୁଛି ।

-ତାଙ୍କ ଆଗମନ କଣ ମୋ ପାଇଁ ବିଧିନିର୍ଦ୍ଦିଷ୍ଟ ନୁହେଁ !

## ମୃତ୍ୟୁଦେବତା:-

-କ'ଣ ହେଲା ?

## ସାବିତ୍ରୀ:-

-ଆହୁରି ଶୁଣ ମୃତ୍ୟୁରାଜ !

“ସତ୍ୟବାନଙ୍କର ମୁଖା ପିନ୍ଧିଥିବ
ଯେ ଦେବ ଏ ପରିଚୟ
ଯେ କେହି ଦେବତା ଯେ ଦେଶର ହେଉ

ମୋ ପ୍ରେମ ପାଇଁ ସେ ଯୋଗ୍ୟ ।“

ଯଦି କେହି ମହାନ୍ ଆନନ୍ଦମୟ ଉଚ୍ଚତମ ଦେବଆତ୍ମା ଏହି ଧରାଧାମରେ ନିବାସ କରିଥାନ୍ତି ତେବେ ତାଙ୍କୁ ପ୍ରଥମେ ସତ୍ୟବାନଙ୍କର ମୁଖା ପରିଧାନ କରିବାକୁ ପଡିବ ।

ଅର୍ଥାତ୍:- ତାଙ୍କର ଆତ୍ମା ଯେଉଁ.ସତ୍ୟବାନଙ୍କୁ ମୁଁ ସାବିତ୍ରୀ ଭଲ ପାଇଛି ସେହି ପରମ ଆତ୍ମାଙ୍କ ପ୍ରତୀକ ସତ୍ୟବାନଙ୍କ ସହିତ ଏକୀଭୂତ  ହେବାକୁ ପଡିବ ଏବଂ ସେହିଁ କେବଳ ମୋର ପରା ପ୍ରକୃତିକୁ ଏକାନ୍ତ ଅନ୍ୱେଷଣ କରୁଥିବ , ତାହେଲେ ମୁଁ ପରାପ୍ରକୃତି ସାବିତ୍ରୀ ତାହାହିଁ ଚାହେଁ ଏବଂ ମୋର ପରମ ପ୍ରେମ ତା' ପାଇଁ ହିଁ ଯୋଗ୍ୟ ।

ଅର୍ଥାତ୍:- ଯିଏ ପରମାତ୍ମା ସତ୍ୟବାନ ଓ ପରାପ୍ରକୃତି ସାବିତ୍ରୀଙ୍କ ସହିତ ଆତ୍ମା ଓ ଅରୂପାନ୍ତରିତ ପ୍ରକୃତିରେ ଏକୀଭୂତ ହୋଇ ପାରିବ ସେ , ମୁଁ ସାବିତ୍ରୀଙ୍କର ଦିବ୍ୟ ପ୍ରେମକୁ ପ୍ରାପ୍ତ ହେବ ।

## ମୃତ୍ୟୁ ଦେବତା:-

-ତୁମର ସ୍ବଭାବ ଓ ସତ୍ୟବାନଙ୍କର ସ୍ୱଧର୍ମ କହିଲ , ମୁଁ ଟିକେ ଶୁଣେ !

## ସାବିତ୍ରୀ:-

-ଶୁଣିବ ?
-ତେବେ ଶୁଣ ସତ୍ୟବାନଙ୍କର ସ୍ୱଧର୍ମ

“ଯେ ଏକା ଧାରାରେ ପବିତ୍ର ମନରେ    ପୁଣି ପବିତ୍ର ଶରୀରେ
ଜ୍ଞାନେ ପ୍ରତିଷ୍ଠିତ ହୋଇ କର୍ମ କରେ    ସରଳତା ଫୁଟୁଥାଏ ।
ଏକମନ ଏକ ପ୍ରାଣ ଏକ ଆତ୍ମା    ସଂଗତି ଅଟେ ତା' ଖେଳ
ଏଭଳି ଜୀବନ ବଞ୍ଚୁଥିବ ଯିଏ    ମୋ ପ୍ରେମ ପାଇଁ ସେ ଯୋଗ୍ୟ ।”

ଯିଏ ଏହି ଧରାଧାମରେ ପବିତ୍ର ମନ , ପବିତ୍ର ଶରୀରକୁ ପାଥେୟ କରି , ଜ୍ଞାନରେ ପ୍ରତିଷ୍ଠିତ ହୋଇ କର୍ମ କରେ , ଭଗବାନଙ୍କ ସହ ମିଳନରୁ ଜାତ ସରଳତା ଗୁଣରେ ଉଦ୍ଭାସିତ ହୋଇ ସଂଗତି ଏବଂ ଏକମନ , ଏକପ୍ରାଣ ଆଉ ଏକଆତ୍ମା ଏଭଳି ପଞ୍ଚବିଧ ସତ୍ୟବାନଙ୍କ ପରମ ସ୍ୱଧର୍ମ ଧାରଣ କରେ । ସେ ମୋ ଦିବ୍ୟ ପ୍ରେମ ପାଇଁ ଯୋଗ୍ୟ ।

ଆଉ ମୋର ୨୧ଟି ପରାପ୍ରକୃତିର ଦୈବୀ ସ୍ୱଭାବ ତା'କୁ ପୁଣି ଶୁଣିରଖ :-

“କ୍ଷୁଦ୍ର ସୁଖ ପ୍ରତି ସେ ଉଦାସୀନ    ଅତୀତ ଚେତନା କରେ ଦମନ
ଅନ୍ୟ ପୁରୁଷଙ୍କ ଉନ୍ମୋଚନରୁ    ଶରୀର ଚେତନା ପୂର୍ଣ୍ଣତା ପ୍ରାପ୍ତ ।

କାମନା, ବାସନା, ଉଚ୍ଚାଭିଳାସ        ରୂପାନ୍ତର ହେବ ଏହି ସବୁର
ଦେହଧାରୀ ସତ୍ୟ ସନ୍ଧାନୀ ଆତ୍ମା        ବାରଣ ବିଶ୍ରାମ ପାର୍ଥିବ ସୁଖ ।
ପ୍ରାଣମୟ ପୁରୁଷ ଉନ୍ମୋଚନ        ଇନ୍ଦ୍ରିୟମାନଙ୍କ ପବିତ୍ର ପ୍ରେମ
ଦ୍ୱନ୍ଦ୍ୱ ମୟ ଚେତନାରୁ ସେ ମୁକ୍ତ        ପରମ ଶୂନ୍ୟରେ ସେ ଆତଯାତ ।
ଅନ୍ତର୍ଜଗତରେ ଯାତ୍ରା ସେ କରେ        ବାହ୍ୟ ଜୀବନଟି ସୀମିତ ରଖେ
ହୃଦୟେ ପରମ ମାତାଙ୍କ ବାସ        ଚୈତ୍ୟ ପୁରୁଷଙ୍କ ହୁଏ ପ୍ରକାଶ ।
ସାଧାରଣ କର୍ମ ସମର୍ପଣରୁ        ପରିଣତ ହୁଏ ଦିବ୍ୟକର୍ମରେ
ସକଳ ଆତ୍ମାଙ୍କ ଦାସ ସେ ହେଲେ        ଦିବ୍ୟ ଜନନୀଙ୍କୁ ଅର୍ପଣ କଲେ ।
ସାବିତ୍ରୀ ଏପରି ସମର୍ପି ଦେଲେ        ଦିବ୍ୟ ଜନନୀଙ୍କ ଆଜ୍ଞା ପାଳିଲେ
ତତ୍ତ୍ୱ ବ୍ରହ୍ମ ସତ୍ୟ ଜଗତ ମିଥ୍ୟା        ଏହି ଚେତନାକୁ ପାଳନ କଲେ ।
ଯେଉଁ ଜଗତ ଅସତ୍ୟ ମଣିଲେ        ବ୍ରହ୍ମଙ୍କ ଠାରୁ ସେ ସୃଷ୍ଟ ଅଟେ
ହେଲା ବ୍ରହ୍ମ ସତ୍ୟ ଜଗତ ସତ୍ୟ        ଏ ଉପଲବ୍ଧିରେ ସେ ପ୍ରତିଷ୍ଠିତ ।
ବିଶ୍ୱଆତ୍ମା ଉପଲବ୍ଧି ସେ କଲେ        ଅତିମାନସକୁ ପ୍ରାପତ ହେଲେ
ଅଦୃଶ୍ୟ ସୂର୍ଯ୍ୟଙ୍କ ଅନୁପ୍ରବେଶ        କୋଷ ରୂପାନ୍ତର ସମ୍ପୂର୍ଣ୍ଣ କଲେ ।
ଅତିମାନସଙ୍କ ଶକ୍ତି ଚାପରେ        ପ୍ରସ୍ଫୁଟିତ ଆତ୍ମା ଅବଚେତନେ
ଅତିମାନସଙ୍କ ଆବିର୍ଭାବରେ        ନିଶ୍ଚେତନା ଆତ୍ମା ଝଲସିଉଠେ ।
ଆନନ୍ଦମୟଙ୍କ ଶୁଭପ୍ରକାଶେ        ସର୍ବ ସୌନ୍ଦର୍ଯ୍ୟଙ୍କ ନିତ୍ୟ ପ୍ରକଟେ
ସର୍ବ ପ୍ରେମ ଆଉ ସର୍ବ ଆନନ୍ଦେ        ଏହା ସାବିତ୍ରୀଙ୍କ ସ୍ୱଭାବ ଅଟେ ।"

-ବୁଝିଲେ ମୃତ୍ୟୁରାଜ ଏହିପରି ମୋର ଏକବିଂଶ ସ୍ୱଭାବ ।

-ଏହି ସତ୍ୟ ହିଁ ପରମ ପ୍ରେମର ସ୍ୱରୂପ ଅଟେ । ସତ୍ୟବାନଙ୍କ ପରମ ଧର୍ମ ଓ ମୋର ଦିବ୍ୟ ସ୍ୱଭାବ ଚିରକାଳ ପାଇଁ ପରମ ପ୍ରେମକୁ ଧାରଣ କରିବ ।

## ମୃତ୍ୟୁ ଦେବତା:-

"ତୁମେ କି ଭାବିଛ ଚିର କାଳ ପାଇଁ        ଏ ଆସକ୍ତ ସତ୍ୟବାନ ହିଁ ତୁମର ।
ଏ ଶରୀର ଅଟେ ତୁମର ମର୍ତ୍ତ୍ୟର        କିନ୍ତୁ ତାଙ୍କ ଆତ୍ମା ବୃହତ୍ ଶକ୍ତି ।"

-ହେ ସାବିତ୍ରୀ !

-ତୁମେ କ'ଣ ତୁମର ଆସକ୍ତ ପ୍ରେମିକକୁ ଚିରକାଳ ଧରି ରଖିପାରିବ?

-ତୁମେ ମଧ୍ୟ ସତ୍ୟବାନଙ୍କର ଭଳି ଦୁର୍ଭାଗ୍ୟର ବଶବର୍ତ୍ତୀ ହୋଇ ପୃଥିବୀରୁ ବିଦାୟ ନେବ ।

-ହେ ସାବିତ୍ରୀ ସତ୍ୟବାନଙ୍କର ନୀରବତା ଏବଂ ନୀରବ ବିଶ୍ରାମକୁ ଅସ୍ୱୀକାର କର ?

-ହେ ସାବିତ୍ରୀ !

-ତୁମର ସ୍ୱାମୀ ଯନ୍ତ୍ରଣା ଜର୍ଜରିତ ।

-ତୁମର ବନ୍ଧନକୁ କୋହଳ କର ।

## ସାବିତ୍ରୀ:-

-ନାଁ

## ମୃତ୍ୟୁ ଦେବତା:-

-ତୁମେ କ'ଣ ତୁମର ଜୀବନର ଉତ୍ସକୁ ଦେଖିପାରୁଛ?

-ହେ କ୍ଷଣସ୍ଥାୟୀ ଆତ୍ମା

- ତୁମର ସ୍ୱପ୍ନର ଉତ୍ସକୁ ତୁମେ କ'ଣ ଜାଣ ?

-ନଗ୍ନ ଆନ୍ତରିକତା ଓ ଶୂନ୍ୟତା ମଧ୍ୟରେ ତୁମେ କ'ଣ ଭାବିଛ ଚିରକାଳ ବଞ୍ଚି ରହିଥିବ ଓ ଭଲ ପାଉଥିବ ?

-ଏହି ନିଶ୍ଚେତନାର ଘୋର ଅନ୍ଧକାର ମଧ୍ୟରେ କେଉଁ ପ୍ରାଚୀନ ଦୈବୀଶକ୍ତି ତୁମକୁ ଶକ୍ତି ପ୍ରଦାନ କରିଛି ? ଯାହା ତୁମର ହୃଦୟ ସ୍ପନ୍ଦନକୁ ନିୟନ୍ତ୍ରଣ କରୁଛି ?

- ଏବଂ ମୃତ୍ୟୁଲୋକରେ ମୃତ୍ୟୁକୁ ବରଣ ନ କରି ତୁମେ ବିଚରଣ କରିପାରୁଛ ।

- ମୁଁ ଦେଖୁଛି ତୁମର କେତେ ସାହସ !

- ଜାଣ !

"ଏ ଲକ୍ଷ୍ୟ ବିହୀନ ମଣିଷ ଜୀବନ ଅନିଶ୍ଚିତ ପୃଥିବୀରେ କର୍ମମଗ୍ନ

ପୁଣି ପଶୁବତ୍ କାମନା ମଧ୍ୟରେ ବାରମ୍ବାର ଯନ୍ତ୍ରଣାର ପ୍ରଲୋଭନ ।

ଏପରି ସ୍ଥିତିରେ ନିଜକୁ ଭସାଇ ଦୁର୍ବାର ଦେବତା ରଥେ ଯୋଚାଯାଇ

ଶେଷ ପରିଣାମ ଏହା ହୁଏ ତା'ର ଆଉ ସେ ନ ପାରେ ଚାଲିଗୋ ସାବିତ୍ରୀ ।"

ଆଉ ସେ ନ ପାରେ ଚାଲି...

-ହେ ସାବିତ୍ରୀ !

-ତୁମେ ଯଦି ଆଶା ବାନ୍ଧୁଥାଅ ଓ ଭଲ ପାଉଥାଅ ତା'ହେଲେ ନିଜର ଶରୀର ଖୋଳପାକୁ ଫେରିଯାଅ , ପୃଥିବୀ ପାଖରେ ନିଜକୁ ବନ୍ଧା ପକାଅ ।

- ଏବଂ ନିଜ ଜୀବନର ଛୋଟିଆ ସ୍ମୃତିକୁ ନେଇ ବଞ୍ଚିରହିବାକୁ ଚେଷ୍ଟାକର ।

-ସତ୍ୟବାନଙ୍କୁ ଫେରିପାଇବାର ଆଶା ପରିତ୍ୟାଗ କର ।

- ଯଦିଓ ତୁମର ସାମର୍ଥ୍ୟ ଛୋଟିଆ ପୁରସ୍କାର ଦାବି କରେ ନାହିଁ , ତଥାପି ମୁଁ ତୁମ କ୍ଷତାକ୍ତ ଜୀବନକୁ ଉପଶମ କରିବା ପାଇଁ କିଛି ବର ପ୍ରଦାନ କରୁଛି ।

## ସାବିତ୍ରୀ:-

- ମୁଁ କେବଳ , ମୁଁ କେବଳ ସତ୍ୟବାନଙ୍କୁ ଚାହେଁ ।

-ଅରଣ୍ୟର ଜାଗ୍ରତ ନିତ୍ୟ ଆନନ୍ଦ ମଧ୍ୟରେ ସତ୍ୟବାନଙ୍କ ଲମ୍ବା ପବିତ୍ର ବାଲ୍ୟ ଜୀବନର ଏକମାତ୍ର ସ୍ୱପ୍ନ ଯାହାକୁ ସେ ତାଙ୍କ ସୁନ୍ଦର ଜୀବନକୁ ବାଦ୍ ଦେଇ କେବଳ ଗୋଟିଏ ବିଷୟ ସବୁବେଳେ ଚିନ୍ତା କରୁଥିଲେ । ତାହା ପ୍ରଦାନ କର । ହେ ମୃତ୍ୟୁରାଜ ! ଯଦି ପାରୁଛ । ଆଉ ଯଦି ନ ପାରୁଛ ତେବେ , ନିଜର ଅସାମର୍ଥ୍ୟତାକୁ ପ୍ରକାଶ କର ।

## ମୃତ୍ୟୁ ଦେବତା:-

ଏହି ସତ୍ୟବାନ ନାମକ ଲୋକଟି ତା'ର ବାଲ୍ୟକାଳରେ କେବଳ ନିଜର ଆତ୍ମ ନିର୍ବାସିତ ପିତା ଦ୍ୟୁମତସେନ୍ ଙ୍କ ବିଷୟରେ ଚିନ୍ତା କରୁଥିଲେ ।

ଦ୍ୟୁମତସେନ ଶାଲ୍ୱ (Shalwa) ଦେଶର ଆତ୍ମା ବିତାଡିତ ରାଜା । ସତ୍ୟବାନଙ୍କ ପିତା ସେ ହେଉଛନ୍ତି ଭଗବାନଙ୍କ ସଚେତନ ଯନ୍ତ୍ର । ଜଣେ ଆଧ୍ୟାତ୍ମିକ ମଣିଷ ଯିଏକି ଆଧ୍ୟାତ୍ମିକ ପତନ ଯୋଗୁଁ ଏଠାରେ ଅନ୍ଧ ଭାବରେ ଚିତ୍ରିତ । ତିନିଗୁଣର ଅଧିନସ୍ଥ ଏବଂ ଛୋଟେଇ ଛୋଟେଇ ଚାଲୁଥିବାର ଜଣେ ମନୁଷ୍ୟ । ଯାହାକି ମନର ଧିର ବିବର୍ତ୍ତନର ପ୍ରତୀକ । ଏହି ଆଧ୍ୟାତ୍ମିକ ପତନ ଦ୍ୱାରା ସେ ଏକ ଶାଶ୍ୱତ ଅନ୍ତଃରାଜ୍ୟର ସପ୍ତ ଅମର ଆତ୍ମାକୁ ହରାଇଥିଲେ ଏବଂ ଏହି କ୍ଷତି ଯୋଗୁଁ ସେ ବାହ୍ୟ ପୃଥିବୀ ଓ ତାଙ୍କ ଶାଲ୍ୱରାଜ୍ୟ ରୂପକ ବୈଭବକୁ ହରାଇଥିଲେ । ଭାଗ୍ୟର ଏହି ବିଡମ୍ବନା ଯୋଗୁଁ ସେ ଏହି ଅରଣ୍ୟରେ ସ୍ୱଳ୍ପକାଳ ପାଇଁ ଦ୍ୱୈତ୍ୟ ନିର୍ଜନତା ଭିତରେ ବାସ କରୁଥିଲେ । ପ୍ରଥମ ନିର୍ଜନତାଟି ହେଲା ତାଙ୍କ ସାମ୍ରାଜ୍ୟର ବାହ୍ୟ ଆଲୋକରୁ ବିତାଡିତ ହୋଇଥିଲେ ଯାହାକି ପ୍ରତୀକାତ୍ମକ ଭାବରେ ସେ ତାଙ୍କର ଆଶାବାଡିକୁ ଆଶ୍ରୟ କରି ଧିର ଗତିରେ ଚାଲୁଥିଲେ ଏବଂ ସମୟର ଦୃତ ଚଞ୍ଚଳ ବେଗ ନିକଟରେ ସେ ବାରମ୍ବାର ଝୁଣ୍ଟି ପଡ଼ିଥିଲେ । ଦ୍ୱିତୀୟ ନିର୍ଜନତାଟି ହେଲା ଘୋଡାଭଳି ଦୌଡୁଥିବା ପଞ୍ଚ ଇନ୍ଦ୍ରିୟଙ୍କ ପ୍ରଭାବରେ ଯଥା:- ଶବ୍ଦ , ସ୍ପର୍ଶ , ଦୃଶ୍ୟ , ସ୍ୱାଦ , ଗନ୍ଧ ରୂପକ ଇନ୍ଦ୍ରିୟ ସୁଖରୁ ବଞ୍ଚିତ ହୋଇଥିଲେ ଯାହାକି ପ୍ରତୀକାତ୍ମକ ଭାବରେ ଏଠାରେ ତାଙ୍କୁ ଅନ୍ଧ ଭାବରେ ପରିଚିତ କରାଏ । ତାଙ୍କ ପିତାଙ୍କର ଏହି ଦ୍ୱିବିଧ ଦୁର୍ଭାଗ୍ୟ ସତ୍ୟବାନଙ୍କୁ ବାଧ୍ୟ କରିଥିଲା ଆତ୍ମାର ନିର୍ଜନ ସ୍ଥାନରେ ବାସ କରିବାକୁ ଏବଂ ଏହା ଦିବ୍ୟ ଜନନୀଙ୍କର ପାର୍ଥିବ ରୂପକୁ ତାଙ୍କର ପାର୍ଥିବ ଜୀବନ ସହିତ ସାକ୍ଷାତ କରାଇଥିଲା । ଦିବ୍ୟଜନନୀ ସାବିତ୍ରୀ ଶେଷରେ ସତ୍ୟବାନଙ୍କୁ ସାହାଯ୍ୟ କରିଥିଲେ ଯାହାକି ସତ୍ୟବାନଙ୍କର ବାଲ୍ୟ ଜୀବନର ଏକମାତ୍ର ସ୍ୱପ୍ନ ଥିଲା ଦ୍ୟୁମତସେନ ତାଙ୍କର ବାହ୍ୟ ସାମ୍ରାଜ୍ୟକୁ ଫେରିପାଇବେ ଏବଂ ତାଙ୍କର ରାଜକୀୟ ଭଙ୍ଗୀରେ ସ୍ଥିର ଭାବରେ ଦୃତ ଗତିରେ ଚାଲିପାରିବେ । ଚକ୍ଷୁ ମାଧ୍ୟମ ଦେଇ ତାଙ୍କର ଦିବ୍ୟଜ୍ଞାନ ଆଡକୁ ଦ୍ୱାର ଉନ୍ମୁକ୍ତ କରିଦେବେ ।

## ମୃତ୍ୟୁ ଦେବତା :-

"ଏ ମୋର ସ୍ପର୍ଶରେ ସତ୍ୟବାନ ସ୍ୱପ୍ନ ବାସ୍ତବତା ରୂପ ନେଉ

ଅନ୍ଧ ପିତା ତାଙ୍କ ଯାହା ଚାହିଁଥିଲେ        ସେହିସବୁ ପ୍ରାପତ ହେଉଗୋ ସାବିତ୍ରୀ ।
ରାଜ୍ୟ ସୁଖ ଆଉ ପ୍ରିୟ ପରିଜନ        ଯେତେ ମହାନତା ସବୁ
ରାଜକୀୟ ଯନ୍ତା ମଧ୍ୟରେ ସେ ଏକ    ଶାନ୍ତିର ଜୀବନ ବଞ୍ଚୁ ଗୋ ସାବିତ୍ରୀ ।
ହସ ଖୁସିରେ ତା' କ୍ଷୟଶୀଳ ଦିନ        ଆନନ୍ଦରେ କଟିଯାଉ
ଜୀବନର ସବୁ ଆଧ୍ୟାତ୍ମ ପତନ        ବୈଭବକୁ ପ୍ରାପ୍ତ ହେଉ
ଗୋ ସାବିତ୍ରୀ ।
ଚକ୍ଷୁଦାନ କଲି ଦେଖିବ ପୃଥିବୀ        ରାତ୍ରିର ଘନ ଅନ୍ଧାରେ
ମୁଁ ଅମୂଲ୍ୟ ବସ୍ତୁ ପ୍ରଦାନ କରିଲି        ଗ୍ରହଣ କର ସାଦରେ
ଗୋ ସାବିତ୍ରୀ ଗ୍ରହଣ କର ସାଦରେ ।"

## ମୃତ୍ୟୁ ଦେବତା:-

-ଏହି ସତ୍ୟବାନ ନାମ୍ନୀ ବାଳକଟି ତା'ର ବାଲ୍ୟାବସ୍ଥାରେ ଏ ସବୁକୁ ଚାହୁଁଥିଲେ , ମୁଁ ସବୁକୁ ପ୍ରଦାନ କଲି ।

-ହେ ମର ମଣିଷ ସାବିତ୍ରୀ ଦୃତ ପଦଚାଳନା କରି ତୁମର କ୍ଷୁଦ୍ର ପୃଥିବୀକୁ ଫେରିଯାଅ ।
-ନଚେତ ମୁଁ ତୁମକୁ ହତ୍ୟା କରିବି , ଫେରିଯାଅ ଫେରିଯାଅ ଗୋ ସାବିତ୍ରୀ ।

## ସାବିତ୍ରୀ:-

"ହେ ବିଶ୍ୱର ଆତ୍ମା        ମୃତ୍ୟୁର ଦେବତା
ମୁହିଁ ଆତ୍ମା ତୁମ        ସହ ସମ କକ୍ଷ ।
ପୃଥିବୀରେ ଜନ୍ମ        ଯେବେଠୁ ନେଇଛି
ମୋର ଇଚ୍ଛା ଏକ        ସ୍ୱତନ୍ତ୍ର ବିଧାନ ।
ମୋର ବଳ ଶକ୍ତି        ଭଗବାନଙ୍କର
ଏ ମର ଶରୀରେ        ମୁଁ ଅଟେ ଅମର ।
ତୁମର ଏ ତୀକ୍ଷ୍ଣ        ଦୃଷ୍ଟିର ପାଖେ କି
ଚହଲି ଯିବନି        ଏ ଆତ୍ମା ମୋହର ।
ମୋର ଆତ୍ମା ସେହି        କଠୋର ନିୟମେ
ଅପରିବର୍ତ୍ତିତ        ଦୁର୍ଭାଗ୍ୟକୁ ଭେଟେ ।
ପ୍ରଜ୍ୱଳିତ ଅଗ୍ନି        ଦିପ୍ତ ଆତ୍ମାଦ୍ୱାରା
ସମ୍ମୁଖୀନ ହେବି        ସମ୍ମୁଖୀନ ହେବି ।"

-ତୁମର ସେହି ଛାୟାଜାଲ ମଧ୍ୟରୁ ପ୍ରସ୍ଫୁଟିତ ସତ୍ୟବାନଙ୍କୁ ମୁକ୍ତି ଦିଅ ।

-ମୁଁ ତାଙ୍କ ସହିତ ଆତ୍ମାର ଜ୍ୱଳନ୍ତ ଇଚ୍ଛାକୁ କ୍ରିୟାଶୀଳ କରି କର୍ମ କରିବାକୁ ଜନ୍ମ ଜନ୍ମାନ୍ତରରୁ ଆସିଛି ।

-ମୁଁ ତାଙ୍କ ସହିତ ଆସିଛି ପ୍ରାଚୀନ ଆଦିମାତାଙ୍କର ଭାର ବହନ କରିବାକୁ ।

-ମୁଁ ତାଙ୍କ ସହିତ ଅନୁସରଣ କରିବି ପୃଥିବୀର ରାସ୍ତା ଯାହାକି ପରମଙ୍କ ପର୍ଯ୍ୟନ୍ତ ଲମ୍ବିଯାଇଛି ।

-ତୁମେ ତାଙ୍କର ଆତ୍ମା କୁ ଯେଉଁ ଯେଉଁ ଜଗତକୁ ନେବ ମୁଁ ତାକୁ ସେହି ସେହି ଜଗତକୁ ଅନୁଧାବନ କରିବି ।

-ଯେ କୌଣସି ରାତ୍ରିକୁ ସମ୍ମୁଖୀନ ହେବାକୁ ମୁଁ ପ୍ରସ୍ତୁତ ।

## ମୃତ୍ୟୁ ଦେବତା:-

"ସୂର୍ଯ୍ୟଙ୍କ ରଥର ହେ ଶାଶ୍ୱତ ଯାତ୍ରୀ　　ପବିତ୍ର ମଠର ମହା ପୂଜାରିଣୀ
ପୃଥିବୀ ଗୃହର ଯାଦୁକର ତୁମେ　　ଅବା ଶାଶ୍ୱତ ପ୍ରେମର ଧାରିଣୀ ?
ଏହି ପ୍ରେମ କ'ଣ ଦିବ୍ୟ ରୂପ ନେବ　　ପବିତ୍ର ପୁସ୍ତକ ଅମର ଗାଥାରେ
ପୃଥିବୀ ରୂପକ ଏ ପଶୁ ଫଳକେ　　ଦେବତାଙ୍କ ସ୍ଥାନ ଆତ୍ମାର ନିବାସ ?
ଯଦି ସତ୍ୟବାନ ଦୀର୍ଘଜୀବୀ ହେବ　　ମାନୁଷୀ ପ୍ରେମର ବିଲୟ ଘଟିବ
କିନ୍ତୁ ସତ୍ୟବାନ ଅଳ୍ପାୟୁରେ ମୃତ୍ୟୁ　　ପ୍ରେମ ତୁମ ହୃଦେ ରହିବ କିଞ୍ଚିତ ।
ମାନୁଷୀ ପ୍ରେମଟି ସ୍ୱର୍ଗୀୟ ସୁଖରେ　　କେବେହେଲେ ପରିପୁଷ୍ଟ ହୁଏ ନାହିଁ
କେବଳ ପାର୍ଥିବ ରସକୁ ଆଦରି　　ନିତିଦିନ ବଞ୍ଚୁଥାଏ ଗୋ ସାବିତ୍ରୀ ନିତିଦିନ ବଞ୍ଚୁଥାଏ ।
ସତ୍ୟବାନ ପ୍ରତି ତୁମ ବ୍ୟାକୁଳତା　　କାମନାର ଛଦ୍ମରୂପ ହୋଇଅଛି
ପ୍ରେମ ହୃଦୟର ଆଉ ଶରୀରର　　ଏକ ପାଶବିକ କ୍ଷୁଧା ଗୋ ସାବିତ୍ରୀ ।
ଏ ମାନୁଷୀ ପ୍ରେମ କ୍ଳାନ୍ତ ହୋଇଯାଏ　　କିମ୍ବା ଅନ୍ୟଆଡେ ଆକର୍ଷିତ ହୁଏ
ଅବା ଏହା ଏକ ଭୀଷଣ ନିର୍ଦ୍ଦୟ　　ଲକ୍ଷ୍ୟର ସାମ୍ନା କରେ ଗୋ ସାବିତ୍ରୀ ।
ଦାରୁଣ କ୍ଷତର ଏ କ୍ରୋଧ ପ୍ରେମଟି　　ବିଭାଜନ କରେ ମାନୁଷୀ ଜୀବନ
ଅବା ଅସନ୍ତୁଷ୍ଟ ଇଚ୍ଛାଟି ତାହାର　　ଅନ୍ୟ ବ୍ୟକ୍ତି ଆଡେ କରେ ଧାବମାନ ।
ପ୍ରଥମ ପ୍ରେମର ଯେଉଁ ସବୁ ସୁଖ　　ନଗ୍ନ ଭାବେ ତିଳ ତିଳ ହତ୍ୟା ହୁଏ
ଏ ପ୍ରେମ ଅସ୍ଥିର ପ୍ରତିବଦଳରେ　　ଉଦାସୀନ ସ୍ଥାନ ପାଏ ଗୋ ସାବିତ୍ରୀ
ଉଦାସୀନ ସ୍ଥାନ ପାଏ।
ଅବା ଏକ ଆକର୍ଷିତ ବଦଭ୍ୟାସ　　ମାନୁଷୀ ପ୍ରେମକୁ ପ୍ରେରଣା ଯୋଗାଏ
କିମ୍ବା ଏ ଅସୁଖୀ ପ୍ରେମ ବଞ୍ଚିରହେ　　ଜୀବନେ ସାଲିସ୍ କଳହ ଭିତରେ ।

ଏ ଏକତ୍ୱ ବୀଜ ଥରେ ବୁଣାଯାଏ        ଆଧ୍ୟାତ୍ମିକ ଭିତ୍ତି ଭୂମିର ଉପରେ
ସ୍ୱର୍ଗୀୟ ଶକ୍ତିର ଦିବ୍ୟ ଆହ୍ୱାନରେ        ଦୁଇଗୋଟି ଆତ୍ମା ପ୍ରଚେଷ୍ଟା ହିଁ କରେ ।
ବିନା ସୁଖେ ଦୁହେଁ ମିଳିତ ହୁଅନ୍ତି        ଦୁଇ ଅହଂକାର ସିମୀତତା ମଧ୍ୟେ
କ୍ଷତାକ୍ତ ହୁଅନ୍ତି ଭାଙ୍ଗିଯାଏ ମନ        ଚାଲି ନ ପରାଇ ଆଉ ଗୋ ସାବିତ୍ରୀ ।
ଚିରକାଳ ପାଇଁ ଦୁଇଗୋଟି ଆତ୍ମା        ବିଚ୍ଛେଦ ଗୃହରେ ବିଚ୍ଛିନ୍ନ ହୁଅନ୍ତି
ଏ ପରି ମାନୁଷୀ ପ୍ରେମର ଆଦର୍ଶ        ପୃଥିବୀରେ ହୁଏ ଅସତ୍ ପ୍ରମାଣିତ ।
ଛୋଟିଆ ଛୋଟିଆ ମାନ୍ଦା ନିରୁତ୍ସାହ        ଜୀବନର ଯେତେ ତିକ୍ତ ବାସ୍ତବତା
ଆତ୍ମାକୁ ଚାହିଁଲେ ମୃଦୁ ଉପହାସେ        ଆଉ ଅନ୍ୟ ପନ୍ଥା ନାହିଁ ଗୋ ସାବିତ୍ରୀ ।
ସେ ସ୍ୱର୍ଗୀୟ ମୂହୁର୍ତ୍ତଟି ପଳାୟନ        କରେ ଦେହାତୀତ ସମୟ ମଧ୍ୟକୁ
ମୁଁ ମୃତ୍ୟୁ ଦେବତା ଉଦ୍ଧାର କରାଏ        ନିଦାରୁଣ ଯନ୍ତ୍ରଣା ମଧ୍ୟରୁ ତାଙ୍କୁ
ନିଦାରୁଣ ଯନ୍ତ୍ରଣା ମଧ୍ୟୁ ।"

## ସାବିତ୍ରୀ:-

- ମୃତ୍ୟୁ ରାଜ !

## ମୃତ୍ୟୁ ଦେବତା:-

ହଁ ସାବିତ୍ରୀ । ଏ ସବୁ ତୁମର ଭାଙ୍ଗିଯାଇଥିବା ହୃଦୟକୁ ଗଢିବାର ବିଧାନ ।

"ଏହି ସବୁ ମୋହ ଭୁଲିଯାଇ ତୁମେ        ଆତ୍ମ ପ୍ରସ୍ତୁତିରେ ଲାଗିପଡ ଯେବେ
ଅତିଶୀଘ୍ର ତୁମ ଅନ୍ୟ ପ୍ରଶଂସକ        ତୁମ ଚାରିପାଖେ ଲହଡି ଖେଳିବେ ।
ସେମାନଙ୍କ ପାଶେ ଯଥେଷ୍ଟ ସୌନ୍ଦର୍ଯ୍ୟ        ବଳ, ସତ୍ୟ ଭରପୂର ହୋଇଥିବେ
ସେଥିମଧ୍ୟୁ ଏକ ପ୍ରଶଂସକ ଆସି        ତୁମ ହୃଦୟକୁ ଆଲିଙ୍ଗନ ଦେବେ ।"

-ବୁଝିଲ ସାବିତ୍ରୀ ! ତୁମେ ଯେତେବେଳେ ସତ୍ୟବାନଙ୍କୁ ଧିରେ ଧିରେ ଅଧା ଭୁଲିଯିବ , ସେହି ମାନୁଷୀ ପ୍ରଶଂସକମାନଙ୍କ ମଧ୍ୟରୁ କେହିଜଣେ ଆସି ତୁମର ହୃଦୟର ଭାବଗତ ଅଭାବକୁ ପୂରଣ କରିବେ ।

-ଏହି ମର ମଣିଷ କେଉଁଠି ଆନନ୍ଦରେ ଏକା ଏକା ରହିପାରିଲାଣି ସାବିତ୍ରୀ ?

-ତା' ପରେ ସତ୍ୟବାନ ଧିରେ ଧିରେ ପଛକୁ ଅପସରି ଯିବେ ଏବଂ ତାଙ୍କର କୋମଳ ସ୍ମୃତି ଧିରେ ଧିରେ ଅନ୍ତର୍ହିତ ହୋଇଯିବ ।

-ନୂତନ ପ୍ରେମ ଆଉ ସନ୍ତାନମାନଙ୍କର କୋମଳ ହସ୍ତର ସ୍ପର୍ଶ ତୁମକୁ ପରିପୂର୍ଣ୍ଣତା ଦେବ ।

-ତା' ପରେ ତୁମେ ଆଶ୍ଚର୍ଯ୍ୟ ର ସହିତ ଚିନ୍ତା କରିବ ଯେ ତୁମେ କ'ଣ ପ୍ରକୃତରେ ସତ୍ୟବାନଙ୍କୁ ଭଲପାଉଥିଲ ?

## ସାବିତ୍ରୀ:-

-ତୁମେ ଏଇ ନିୟମରେ ପୃଥିବୀକୁ ଦେଖୁଛ ନା ?

## ମୃତ୍ୟୁ ଦେବତା:-

-ହଁ ସାବିତ୍ରୀ !

"ଏହା ଏହି ଭାରାକ୍ରାନ୍ତ ପୃଥିବୀରେ ଜାଣ
ଏପରି ପ୍ରବାହ ମଣିଷ ଜୀବନ ବୋହି ଯାଉଥିବା ଝରଣାର ଜଳ
କେବେବି ଗୋଟିଏ ନୁହେଁ ଗୋ ସାବିତ୍ରୀ କେବେବି ଗୋଟିଏ ନୁହେଁ
ନିରନ୍ତର ଝରି ଯାଉଥିବା ଜଳ ଗତିରେ ଯେପରି ତା' ପରିବର୍ତ୍ତନ
ମଣିଷର ଚଲା ପଥରେ ସେପରି ସଙ୍ଗର ପରିବର୍ତ୍ତନ ଗୋ ସାବିତ୍ରୀ
ସଙ୍ଗର ପରିବର୍ତ୍ତନ ।

ଫେରିଯାଅ ,ଫେରିଯାଅ ସାବିତ୍ରୀ , ସତ୍ୟବାନଙ୍କର ଆଶା ଛାଡି ଅନ୍ୟ ପୁରୁଷଙ୍କ ପ୍ରତି ଧ୍ୟାନ ଦିଅ । ଯାଅ ସାବିତ୍ରୀ ।

## ସାବିତ୍ରୀ:-

"ମୋ ପ୍ରେମ ନୁହଁଇ ଦେହ ସମ୍ପର୍କିତ ନୁହେଁ ପ୍ରାଣୀକ ଆବେଗ ।
ଭାବର ଆଦାନ ପ୍ରଦାନ ନୁହଁଇ ନୁହେଁ ସ୍ନେହ କାଙ୍ଗାଳର ।
ହୃଦୟର କ୍ଷୁଧା ଏ ମଧ୍ୟ ନୁହଁଇ ନୁହେଁ ନିମ୍ନ ଚେତନାର ।
ମୋ ପ୍ରେମ ଅଟଇ ମହା ଶକ୍ତିଶାଳୀ ମହାବଳୀ ପ୍ରକମ୍ପନ ।
ଏ ପ୍ରେମ ମୋହର ଭଗବାନଙ୍କର ତାଙ୍କର ନିଃସୃତ ଦାନ ।
ଯେଉଁମାନେ ଅତି ପବିତ୍ର ଅଟନ୍ତି ଅତି ଶକ୍ତିଶାଳୀ ଜାଣ ।
ଚେତନାରେ ଯା'ର ପରମଙ୍କ ପ୍ରତି ନିତ୍ୟ ଥିବ ଉନ୍ମୋଚନ
ସେହି ମାନେ ହେବେ ମୋ ପ୍ରେମ ପାଇଁକି ଚେତନାରେ ପରିପୂର୍ଣ୍ଣ ।

-ସେହିମାନେ ହିଁ ପରମ ପ୍ରେମକୁ ଗ୍ରହଣ କରିପାରନ୍ତି । ଏହି ପ୍ରେମ ଆତ୍ମାକୁ ପରମାତ୍ମାଙ୍କ ସହିତ ଏକୀଭୂତ କରେ ଏବଂ ପରମାତ୍ମାଙ୍କୁ ଏହି ଜଡ ସହିତ ସଂଯୋଗ କରେ ।

## ମୃତ୍ୟୁ ଦେବତା:-

-ହେ ସାବିତ୍ରୀ

-ମୋ କଥା ମାନ, ଅବୁଝା ହୁଅନି ।

-ମୁଁ ତୁମକୁ ପୁଣି ଦ୍ୱିତୀୟ ବର ପ୍ରଦାନ କରିବାକୁ ଚାହୁଁଛି ।

ଯଦ୍ଦ୍ୱାରା ତୁମର ମୃତ୍ୟୁ ଓ ଦୁଃଖଦ ଭାଗ୍ୟରୁ ବର୍ତ୍ତି ଯାଇ ଯାହା ସବୁ ମାନୁଷୀ ସତ୍ୟବାନ ତୁମଠାରୁ କାମନା କରିଥିଲେ ସେ ସବୁ ମୁଁ ଦେବାକୁ ଚାହେଁ ।

-ତେଣୁ ମୁଁ ତୁମକୁ ଅକ୍ଷତ ଉଷା ଓ ଉଜ୍ଜ୍ୱଳ ମଧ୍ୟାହ୍ନର ମଧୁର ସ୍ପର୍ଶ ଦେବାକୁ ଚାହେଁ ।

-ହୃଦୟ ଓ ମନରେ ତୁମଭଳି ସୁନ୍ଦରୀକନ୍ୟା ।

-ତେଜୀୟାନ୍ ସାହସୀ ପୁତ୍ର ସବୁ ।

- ଏବଂ ପ୍ରିୟ ସ୍ୱାମୀଙ୍କ ସହିତ ମଧୁର ବାଧାଶୂନ୍ୟ ମିଳନ ଦେବାକୁ ଚାହୁଁଛି ।

-ତୁମର ଖୁସିଭରା ଗୃହରେ ତୁମେ ଅମଳ କରିବାକୁ ଚାହିଁଛ ଏକାଧିକ ଆତ୍ମାମାନଙ୍କର ମିଳନର ପାରିବାରିକ ସୁଖ ।

-ପରସ୍ପର ବିରୋଧି ମଧୁରତା ସବୁ ତୁମର ନିତ୍ୟ ଦିନମାନଙ୍କରେ ଭେଟହେବ ।

-ତୁମ ସାମ୍ରାଜ୍ୟରେ ଭଲପାଇଥିବା ଆତ୍ମାମାନଙ୍କର ସମାହାର ଘଟିବ ।

-ମର ମଣିଷ କେବେ କ'ଣ ଏକା ଏକା ରହିପାରିଲାଣି ?

-ନିଜର ଭଙ୍ଗା ପୃଥିବୀର କୋଳକୁ ଏକା ଏକା ଫେରିଯାଅ ଗୋ ସାବିତ୍ରୀ ।

## ସାବିତ୍ରୀ:-

-ଏଭଳି ତୁମର ପାର୍ଥିବ ଉପହାର ସବୁକୁ ମୁଁ ପ୍ରତ୍ୟାଖ୍ୟାନ କରୁଛି ।

-ପୃଥିବୀ ପ୍ରସ୍ଫୁଟିତ ହୋଇପାରିବ ନାହିଁ , ଯଦି ମୁଁ ସତ୍ୟବାନଙ୍କୁ ବାଦ ଦେଇ ଏକା ଏକା ଫେରିଯାଏ ।

## ମୃତ୍ୟୁ ଦେବତା:-

-ହେ ସାବିତ୍ରୀ ପାର୍ଥିବ ସୁଖର ତୁମେ ଯେହେତୁ ଦ୍ୱିତୀୟ ବର ପ୍ରତ୍ୟାଖ୍ୟାନ କଲ । ତେବେ ମୁଁ ତୁମକୁ ସ୍ୱର୍ଗୀୟ ସୁଖର ତୃତୀୟ ବର ପ୍ରଦାନ କରୁଛି ।

## ସାବିତ୍ରୀ:-

ମୃତ୍ୟୁରାଜ !

## ମୃତ୍ୟୁ ଦେବତା:-

-ହଁ ସାବିତ୍ରୀ ।

-ଏକାଧିକ ସ୍ୱର୍ଗ ସବୁ ଅଛି ।

-ଯାହାର ଦ୍ୱାର ଯନ୍ତ୍ରଣା ଆଡକୁ ନିବୁଜ୍ ।

-ସେହିଠାରେ ତୁମର ଆନନ୍ଦ ଖୋଜ ।

-ସେହି ଦୁଃଖ ବିହୀନ ଆନନ୍ଦକୁ ତୁମେ ଏହି ପୃଥିବୀରେ ପାଇପାରିବ ନାହିଁ ।

- ହଁ ସାବିତ୍ରୀ

-ସେଠାରେ ସପ୍ତ ଅମରତ୍ୱର ଜଗତ ସକଳ ସବୁ ରହିଛି ଯେଉଁଠି ଆଲୋକ ହେଉଛି ମୂଳ ବାସିନ୍ଦା ।

-ଆନନ୍ଦ ହେଉଛି ରାଜା ।

-ଆତ୍ମା ହେଉଛି ମୃତ୍ୟୁ ବିହୀନ ଭିତ୍ତିଭୂମି ।

## ସାବିତ୍ରୀ:-

-ଏତ କିଛି ବିଚିତ୍ର ନୁହେଁ ।

## ମୃତ୍ୟୁ ଦେବତା:-

-ହେ ଶାଶ୍ୱତ ସନ୍ତାନ !

-ସେହି ଉଚ୍ଚତର ଭିତ୍ତିଭୂମିକୁ ଗ୍ରହଣ କରିନିଅ ।

-ତୁମେ ଯଦି ଆତ୍ମା ହୋଇଥାଅ ।

-ପ୍ରକୃତି ହେଉଛି ତୁମର ବସ୍ତ୍ର ।

-ସେହି ବସ୍ତ୍ରକୁ ପରିହାର କରି ନଗ୍ନ ଆତ୍ମାରେ ପରିଣତ ହୁଅ ।

-ଏହି ଅମର ସତ୍ୟରେ ଅପରିବର୍ତ୍ତିତ ହୋଇ ରହ ।

-ସେହି ମୂଳ ଏକକଙ୍କ ମଧ୍ୟରେ ଚିରକାଳ ନିଃସଙ୍ଗ ଜୀବନ ବଞ୍ଚ ।

-ତେବେ ଭଗବାନଙ୍କ ଆଡକୁ ମୁହଁ ଫେରାଅ ।

-ତାଙ୍କ ପାଇଁ ଜଗତକୁ ପ୍ରତ୍ୟାଖ୍ୟାନ କର ।

-ପ୍ରେମକୁ ଭୁଲିଯାଅ ।

-ସତ୍ୟବାନଙ୍କୁ ଭୁଲିଯାଅ ।

## ସାବିତ୍ରୀ:-

-ମୃତ୍ୟୁରାଜ !

## ମୃତ୍ୟୁ ଦେବତା:-

-ନିଜକୁ ଶୂନ୍ୟକରି ଦେଇ ଅପରିବର୍ତ୍ତିତ ଶାନ୍ତିରେ ନିବାସ କର ।

-ହେ ସାବିତ୍ରୀ , ହେ ଆତ୍ମା

-ପରମଙ୍କ ନୀରବ ଆନନ୍ଦରେ ବୁଡିଯାଅ ।

-ଜାଣ ।

-ଭଗବାନଙ୍କର ଉଚ୍ଚତମ ଚେତନାକୁ ପ୍ରାପ୍ତ ହେବାକୁ ହେଲେ ତୁମର ଆତ୍ମାକୁ ହତ୍ୟାକର ।

-ମୁଁ ମୃତ୍ୟୁ ।

- ମୁଁ ଅମରତ୍ୱର ଦ୍ୱାର ସଦୃଶ ।

-ମୋର ମୃତ୍ୟୁଦ୍ୱାର ଦେଇ ପରମଧାମକୁ ଯାତ୍ରା କରିପାରିବ ।

-ସେହି ପରମଧାମରେ ତୁମେ ଏହି ଜଗତର ମଣିଷମାନଙ୍କୁ ରକ୍ଷା କରିବାର ଦାୟିତ୍ୱ ଭୁଲି ଏବଂ ଜଗତ ମଧ୍ୟକୁ ଭାଗବତ ଶକ୍ତିର ଅବତରଣ କରିବାର ଦାୟିତ୍ୱ ଭୁଲି , ସେହି ପରମଧାମରେ ସତ୍ୟବାନଙ୍କ ସହିତ ଶାଶ୍ୱତ ସୁଖକୁ ପ୍ରାପ୍ତ ହେବ ।

## ସାବିତ୍ରୀ:-

-ହେ ରାଜନ୍!

-ତୁମେ ଏହି ବରଗୁଡିକୁ କ୍ଲାନ୍ତ ଆତ୍ମାମାନଙ୍କୁ ପ୍ରଦାନ କର ଏବଂ ଯେଉଁମାନେ ସମୟର କ୍ଷତକୁ ବହନ କରିପାରିବେ ନାହିଁ ସେମାନଙ୍କୁ ପ୍ରଦାନ କର ।

- ଯେଉଁମାନେ ମନ ଓ ଶରୀର ସହିତ ବନ୍ଧା ଓ ଆସକ୍ତ ସେମାନଙ୍କର ବନ୍ଧନକୁ ଭାଙ୍ଗିଦେଇ ସେହି ନୀରବ ନିଶ୍ଚଳତା ମଧ୍ୟକୁ ପଳାୟନ କରିବାକୁ ଇଚ୍ଛା କରନ୍ତି ।

-ସେହିମାନଙ୍କୁ ଏଭଳି ବର ପ୍ରଦାନ କର ।

## ମୃତ୍ୟୁ ଦେବତା:-

-ସାବିତ୍ରୀ ।

## ସାବିତ୍ରୀ:-

-ନିଶ୍ଚିତ ଭାବରେ ଆପଣଙ୍କର ବରଗୁଡିକ ଅତୀବ ମହାନ

-ଯେହେତୁ ଆପଣ ହେଉଛନ୍ତି ଭଗବାନ ।

-କିନ୍ତୁ ମୁଁ କିପରି ଅସୀମ ଶାନ୍ତିରେ ଜୀବନ ବଞ୍ଚିପାରିବି !

-ଯାହାଙ୍କ ମଧ୍ୟରେ ଶକ୍ତିଶାଳୀ ମାତାଙ୍କର ଏକ ଭୟଙ୍କର ଶକ୍ତି କ୍ରିୟାଶୀଳ ହେଉଛି ।

-ସେହି ମାତାଙ୍କର ଏକ ଦିବ୍ୟ ଦୃଷ୍ଟି ।

-ଏହି ପ୍ରହେଳିକା ମୟ ପୃଥିବୀକୁ ବୁଝିପାରିଛି ।

-ଯାହା ମଧ୍ୟରେ ଜ୍ଞାନ ରୂପକ ସୂର୍ଯ୍ୟ ଜ୍ୱାଜଲ୍ୟମାନ ଏବଂ ହୃଦୟରେ ପ୍ରେମ ରୂପକ ଅଗ୍ନି ସମ ନୀରବତା ବିଦ୍ୟମାନ ।

-ସେ କିପରି ଶାନ୍ତିରେ ବସିପାରିବେ ।

## ଚତୁର୍ଥ ବର

## ମୃତ୍ୟୁ ଦେବତା:-

-ହେ ସାବିତ୍ରୀ !

-ହେ ଦେବୀ । ହେ ଅମରତ୍ୱର ଦାବିଦାର ।

-ମୁଁ ତୁମକୁ ଶେଷବର ପ୍ରଦାନ କରୁଛି ।

-ତୁମର ଶକ୍ତିକୁ ଦେଖାଅ ।

-ତୁମର ଆତ୍ମାର ନିରଙ୍କୁଶ ସାମର୍ଥ୍ୟକୁ ନଗ୍ନ କରିଦିଅ ।

-ତାହେଲେ ମୁଁ ସତ୍ୟବାନଙ୍କୁ ତୁମକୁ ଫେରାଇ ଦେବି କିମ୍ବା ଯଦି ଶକ୍ତିଶାଳୀ ମାତା ତୁମ ଭିତରେ ଅଛନ୍ତି ତାହାହେଲେ ତାଙ୍କର ବିଶ୍ୱରୂପ ମୋତେ ଦର୍ଶନ କରାଅ ଯଦ୍ଦ୍ୱାରା ମୁଁ ତାଙ୍କୁ ଆରାଧନା କରିବି ।

-ସେହି ଅମର ଚକ୍ଷୁର ଦୃଷ୍ଟି ମୃତ୍ୟୁର ଚକ୍ଷୁକୁ କବଳାବୃତ୍ତ କରି ପଶୁବତ୍ ବସ୍ତୁ ଉପରେ ସେହି ଅମର ଶକ୍ତିର ସ୍ପର୍ଶଦେଇ ପୃଥିବୀର ମର ଜୀବନକୁ ରୂପାନ୍ତର କର ।

-ତାହେଲେ ତୁମର ମୃତ ସ୍ୱାମୀ ସତ୍ୟବାନ ଜୀବନ ଫେରିପାଇବେ ଏବଂ ତୁମ ସହିତ ଜୀବନ ବଞ୍ଚିବେ ।

## 4th Boon’s Answer

“ସବିତ୍ରୀଙ୍କ ମଧ୍ୟେ ଦୃଶ୍ୟମାନ ହେଲା          ଶକ୍ତିଶାଳୀ ରୂପାନ୍ତର
ହୃଦୟ ନିବାସୀ ଚୈତ୍ୟ ପୁରୁଷଙ୍କ          ପ୍ରଜ୍ୱୋଳନେ ଉଦ୍ଭାସିତ ।
ଶାଶ୍ୱତ ଜ୍ୟୋତିରେ ମୁଖମଣ୍ଡଳଟି          ଆଲୋକିତ ରୂପ ନେଲା
ପରମ ଦୀପ୍ତିରେ ସମଗ୍ର ଶରୀର          କବଳାବୃତ୍ତ ହୋଇଲା ।

ତାଙ୍କ ଚତୁଃପାର୍ଶ୍ୱେ ବାୟୁମଣ୍ଡଳଟି ଅତି ପ୍ରଜ୍ୱୋଳିତ ହେଲେ
ଏ ଦୀପ୍ତ ମୁହୂର୍ତ୍ତ ଧ୍ୱଂସାବଶେଷରୁ ନିଜକୁ ସାଉଁଟି ନେଲେ ।
ଅବତାରତ୍ୱର ବସ୍ତ୍ର ଫିଙ୍ଗିଦେଇ ଅସୀମଙ୍କ ରୂପନେଲେ
ପରମ ନିବାସେ ଅତି ସୁଢଳରେ ମାତା ଆବିର୍ଭୂତ ହେଲେ ।
ତାଙ୍କ ଚୈତ୍ୟ ଆତ୍ମା ପୃଥିବୀର କେନ୍ଦ୍ର ବିନ୍ଦୁ ପରିଚୟ ଦେଲା
ସମଗ୍ର ଜଗତ ବହିର୍ବିସ୍ୱ ରୂପେ ପ୍ରତୀୟ ମାନ ହେଲା ଗୋସୁଜନେ ।
ସ୍ୱର୍ଗର ଗୌରବ ଉଦାର ମର୍ତ୍ତ୍ୟକୁ ସୌନ୍ଦର୍ଯ୍ୟ ଝରି ଆସିଲା
ତାଙ୍କର ଲଲାଟେ ସର୍ବଜ୍ଞାତା ଦୃଷ୍ଟି ଦିବ୍ୟେ ଦୃଶ୍ୟମାନ ହେଲା ।
ତାଙ୍କ ଦୁଇ ଚକ୍ଷୁ ଦୁଇଟି ନକ୍ଷେତ୍ର ପ୍ରତୀୟମାନ ହୋଇଲା
ଆତ୍ମା ଶୀର୍ଷ ଦେଶେ ଏକ ଦିବ୍ୟ ଶକ୍ତି ଆସି ଝଲସି ଉଠିଲା ।
ଦିବ୍ୟ ଉପସ୍ଥିତି ସହସ୍ରାରେ ପଦ୍ମ ଅବତରି ଆସିଗଲେ
ସେ ଆଜ୍ଞା ଚକ୍ରକୁ କବଳିତ କଲେ ମନନିୟନ୍ତ୍ରିତ ହେଲେ ।
ଏକାଗ୍ର ଆସନେ ସିଂହାରୂଢ ହୋଇ ତୃତୀୟ ଚକ୍ଷୁ ଖୋଲିଲେ
ପରମାତ୍ମାଙ୍କର ଅଦୃଶ୍ୟ ଚକ୍ଷୁକୁ ଅଦୃଶ୍ୟ ଆତ୍ମା ଦେଖିଲେ ।
ସେ ଦିବ୍ୟ ଆଲୋକ ସ୍ୱର୍ଣ୍ଣାର ଆନନ୍ଦେ ମସ୍ତିଷ୍କକୁ ପୂର୍ଣ୍ଣ କଲେ
ଶାଶ୍ୱତଙ୍କ ପ୍ରଜ୍ଞା ତାଙ୍କରି ଇଚ୍ଛାକୁ ପରିଚାଳିତ କରିଲେ ।
ସେ ବିଶୁଦ୍ଧ ଚକ୍ରେ ଆତଯାତ ହେଲେ ସତ୍ୟଧ୍ୱନି ପ୍ରକମ୍ପିଲା
ମାତାଙ୍କର ଆତ୍ମା ବିଶ୍ୱଆତ୍ମା ସହ ପରିପୂର୍ଣ୍ଣେ ଯୋଡିହେଲା ଗୋ ସୁଜନେ ।
ଅତିମାନସଙ୍କ ସୂର୍ଯ୍ୟଙ୍କ ଆଭାସ ହୃଦୟ ପଦ୍ମକୁ ପଶି
ବଦଳାଇ ଦେଲେ ଦୁର୍ଭାଗ୍ୟର ଚକ ସତେ ଅବା ହସି ହସି ।
ସେହି ଦିବ୍ୟଶକ୍ତି ଅତି ସୁଢଳରେ ନାଭିଚକ୍ରେ ପ୍ରବେଶିଲେ
ସକଳ କାମନା ଦେହଗତ କ୍ଷୁଧା ଦିବ୍ୟାନନ୍ଦେ ରୂପନେଲେ ।
ମୂଳାଧାର ପଦ୍ମେ ପ୍ରବେଶ କରନ୍ତେ ଦିବ୍ୟ ସ୍ଫୁଲିଙ୍ଗ ତେଜିଲା
ଜାଗ୍ରତ ହୋଇଣ କୁଣ୍ଡଳିନୀ ଶକ୍ତି ଉର୍ଦ୍ଧ୍ୱାୟିତ ରୂପନେଲା ଗୋ ସୁଜନେ
ସହସ୍ରାର ପଦ୍ମେ ଅତିମାନସଙ୍କୁ ଦିବ୍ୟଆଲିଙ୍ଗନ କଲେ
ତାମସିକ ଜଡ ନୀରବ ଆତ୍ମାର ସତ୍ୟ ପରିଚୟ ଦେଲେ ଗୋ ସୁଜନେ ।
ଏହିପରି ଭାବେ ମାତା ସବିତ୍ରୀଙ୍କ ବିଶ୍ୱମୟ ରୂପନେଲା
ମୃତ୍ୟୁର ଦେବତା  ବିଶ୍ୱରୂପ ଦେଖି ଆନନ୍ଦେ ନାଚି ଉଠିଲେ ।"

## ମୃତ୍ୟୁ ଦେବତା:- BISWARUP DARSHAN

-ହେ ଜଗତମାତା ।

-ହେ ପରମା ଦିବ୍ୟ ଜନନୀ ସାବିତ୍ରୀ ।
-ଆଜି ଆପଣଙ୍କର ବିଶ୍ୱରୂପ ଦର୍ଶନ କରି ମୁଁ ନିଜକୁ ଧନ୍ୟ ମନେ କରୁଛି ।

ଆଜି ଯାହା ଦେଖିଲା ନେତ୍ର କହୁଅଛି ତାହା ଶୁଣଗୋ ମାତ
ନେଲେ ବିଶ୍ୱରୂପ ଜଗତ ମାତା ଦର୍ଶନ କରି ମୁଁ ହେଲି ସନ୍ତୁଷ୍ଟ
ତୁମ ଦିବ୍ୟ ପ୍ରେମ ଆଲୋକ ପ୍ରବେଶିଲା ଏ ତମ ଲୋକ
ବିଦୀର୍ଣ୍ଣ କରନ୍ତେ ଏ ତନୁ କୁ ମୋର ହେଲି ମୁହିଁ ଅର୍ଦ୍ଧ ରୂପାନ୍ତରୀତ
ମାଗୋ ତୁମେ ଯେତେବେଳେ ଗୋ ପ୍ରଭୁ ସତ୍ୟବାନଙ୍କ ସହ
ଶେଷ ଦୈତ୍ୟ ଅବତାର ଭାବରେ ହେବ ଏହି ଧରାଧାମେ ପ୍ରକଟ
ଆଜି ଯାହା ଦେଖିଲା ନେତ୍ର କହୁଅଛି ତାହା ଶୁଣଗୋ ମାତ

ପୂର୍ଣ୍ଣ ଯୋଗର ଶେଷ ସିଦ୍ଧି Truth Supremeଙ୍କୁ ହେବ ପ୍ରାପତ
ଅବଚେତନା ନିଶ୍ଚେତନା ରାଜ୍ୟ ପୂର୍ଣ୍ଣ ଭାବେ ହେବେ ସେ ଆଲୋକିତ
ଆଜି ଯାହା ଦେଖିଲା ନେତ୍ର କହୁଅଛି ତାହା ଶୁଣଗୋ ମାତ

ମୁଁ ଆର୍ଶ୍ଚର୍ଯ୍ୟ ମୁଢ ଦେବତା ରୂପାନ୍ତର ବିଧି ନିର୍ଦ୍ଧିଷ୍ଟ
ମୋର ଏ କୋଠର ତିକ୍ତ ପରିଚୟ ମଧୁର ଆନନ୍ଦେ ରୂପାନ୍ତରିତ ।
ଆଜି ଯାହା ............
ଯନ୍ତ୍ରବତ୍ କାରଣ କର୍ମ ପ୍ରଭୁ ମୋତେ ଥିଲେ ପ୍ରଦତ୍ତ
ତା'ର ହେବ ଦିବ୍ୟ ପରିସମାପ୍ତ ଦୈତ୍ୟ ପରମଙ୍କ ସହିତ ଯୁକ୍ତ ।
ଆଜି ଯାହା ଦେଖିଲା ନେତ୍ର କହୁଅଛି ତାହା ଶୁଣଗୋ ମାତ ।

OM TAT SAT

ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ପୋ: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com/odia-section

https://www.srimatriniketanashram.com